| Article Date | Headline / Summary | Publication |
|---|---|---|
| 24 Jul 2026 | The role of crop insurance in mitigating the effects of El Nino | Dharitri (Oriya) |

# ଏଲ୍ ନିନୋ ପ୍ରଭାବ ରୋକିବାରେ ଫସଲ ବୀମାର ଭୂମିକା

ମୁମ୍ବାଇ,୨୩।୭

ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବରେ ମୌସୁମୀ ପ୍ରଭାବିତ ହେବା ସହ କମ୍ ବର୍ଷା ଯୋଗୁ ଫସଲ ଉତ୍ପାଦ ହ୍ରାସ ପାଇବାର ଚିନ୍ତା ବଢାଇଛି। ଏଭଳି ପାଣିପାଗ ଅସଙ୍ଗତି କୃଷି ଉତ୍ପାଦନ, ଯୋଗାଣ ଶୃଙ୍ଖଳା, ଭିତ୍ତିଭୂମି ଏବଂ ବ୍ୟବସାୟିକ ଉତ୍ପାଦ କ୍ଷେତ୍ରକୁ ପ୍ରଭାବିତ କରି ଅର୍ଥନୈତିକ ଗତିବିଧିକୁ ମଧ୍ୟ ପ୍ରଭାବିତ କରିବା ଆଶଙ୍କା ବଢାଇଛି। ତେବେ ଏଭଳି ସ୍ଥିତିକୁ ସାମ୍ନାକରିବା ଲାଗି ସାଧାରଣ ଫସଲ ବୀମା କ୍ଷେତ୍ରର ଯଥେଷ୍ଟ ମହତ୍ତ୍ୱ ରହିଛି ବୋଲି ବଜାଜ୍ ଜେନେରାଲ ଇନ୍ସ୍ୟୁରାନ୍ସର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ତପନ ସିଂଘଲ କହିଛନ୍ତି। ଉତ୍ପାଦନରେ ବିଳମ୍ବ,ପରିବହନଜନିତ ପ୍ରତିବନ୍ଧକ, ଆୟ ହ୍ରାସ ଆଦି ସମସ୍ୟା କ୍ଷେତ୍ରରେ ଆର୍ଥିକ ପ୍ରଭାବକୁ ପରିଚାଳନା କରିବା ଦିଗରେ ବୀମା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଲ୍ ନିନୋ ପ୍ରଭାବରେ ବର୍ଷା କ୍ରମରେ ପରିବର୍ତ୍ତନ ଯୋଗୁ ବିହନ ବୁଣା କାର୍ଯ୍ୟଠାରୁ ଆରମ୍ଭକରି ଫସଲ ଉତ୍ପାଦନ ଓ ଆନୁଷଙ୍ଗିକ କାର୍ଯ୍ୟ ଚାଷ ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆୟ ଅନିଶ୍ଚିତତା ସୃଷ୍ଟି କରିପାରେ। ଏହାକୁ ଦୃଷ୍ଟିରେ ରଖି ପାରାମେଟ୍ରିକ ବୀମା ସମାଧାନଗୁଡିକର ପ୍ରାସଙ୍ଗିକତାକୁ ବୁଝିବା ଏବଂ ଏହାର ଉପଯୋଗ କରିବା ଲାଭଦାୟକ ହେବ ବୋଲି ସେ କହିଛନ୍ତି।